## ସଂକ୍ଷେପରେ

### ମଦଭାଟିରେ ଚଢ଼ାଉ: ୧୭ ଗିରଫ

ଆସିକା,୧।୮(ଡି.ଏନ୍.ଏ.): ଆସିକା ଥାନା ଇଲାକାରେ ଶନିବାର ଅବକାରୀ ବିଭାଗ ଓ ପୋଲିସ ବିଭିନ୍ନ ରନ୍ଧାମଦ ଭାଟି ଉପରେ ଚଢ଼ାଉ କରିଥିଲା। ୮୫୬ ଲିଟର ରନ୍ଧା ମଦ, ୧୪ ହଜାର ଲିଟର ପୋଚ ଓ ବିପୁଳ ପରିମାଣର ମଦ ରନ୍ଧା ସରଞ୍ଜାମ ଜବତ କରିଥିଲା। ଏହି ମାମଲାରେ ୭ ମହିଳାଙ୍କ ସମେତ ୧୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଆସିକା ସହର ଚାରିପଟେ ଥିବା ଆଇବି ଏରୋଗୋଲା କ୍ୟାମ୍ପ, ପାକଲାପଲ୍ଲୀ, ଗଣ୍ଡପଲ୍ଲୀ, ଠେଙ୍ଗାପଲ୍ଲୀ, କରାତଳି ଏରଗୋଲା କ୍ୟାମ୍ପ ସମେତ ଓ ରଘୁନାଥନଗରରେ ଥିବା ରନ୍ଧାମଦ ଭାଟି ଉପରେ ଚଢ଼ାଉ କରାଯାଇଥିଲା।

### ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା

ଆସିକା,୧।୮(ଡି.ଏନ୍.ଏ.): କରୋନା ସଂକ୍ରମଣରେ ମୃତ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଓ ଗୌରହରି ବେହେରାଙ୍କ ପରିବାରକୁ ଜିଲା ଗୁରୁଛାତ୍ର କଲ୍ୟାଣ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ଶନିବାର ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କୃତ୍ତିବାସ ବାରିକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାଗିରଥୀ ପାତ୍ର ପ୍ରମୁଖ ମୃତ ଶିକ୍ଷକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସହାୟତା ରାଶି ପ୍ରଦାନ କରିଥିଲେ।

### ଲେମ୍ବେଇ ପଞ୍ଚାୟତ ୫ ଦିନ ଶଟ୍‌ଡାଉନ

ଭଞ୍ଜନଗର,୧।୮(ଡି.ଏନ.ଏ)- ଭଞ୍ଜନଗର ବ୍ଲକ ଲେମ୍ବେଇ ପଞ୍ଚାୟତକୁ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏନେଇ ସରପଞ୍ଚ ହରିବନ୍ଧୁ ପ୍ରଧାନ ଚିଠି ମାଧ୍ୟମରେ ବ୍ଲକ ପ୍ରଶାସନକୁ ଜଣାଇଛନ୍ତି। ଉକ୍ତ ପଞ୍ଚାୟତରୁ ବିଗତ କିଛିଦିନ ମଧ୍ୟରେ ୧୨ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ଆକ୍ରାନ୍ତଙ୍କ ପରିବାର ଲୋକେ ଗ୍ରାମ ଦୋକାନକୁ ସଉଦା କିଣିବାକୁ ଯାଉଥିବାବେଳେ ବିବାଦୀୟ ପରିସ୍ଥିତି ଦେଖାଦେଇଥିଲା। ଏହାପରେ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅନ୍ୟପଟେ ଭଞ୍ଜନଗର ବ୍ଲକ ଓ ଏନ୍‌ଏସିରୁ ଶୁକ୍ରବାର ୨୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ଜଣେ କରୋନା ଯୋଦ୍ଧା ଥିବା ଜଣାପଡ଼ିଛି।

### ପରିବା ବ୍ୟବସାୟୀଙ୍କର କରୋନା ଟେଷ୍ଟ

ଛତ୍ରପୁର,୧।୮(ଡି.ଏନ.ଏ.): ଛତ୍ରପୁର ଏନ୍‌ଏସି ପକ୍ଷରୁ ଶନିବାର ଶାନ୍ତିନଗର ପରିବା ବ୍ୟବସାୟୀଙ୍କ ସ୍ୱାବ୍ ଟେଷ୍ଟ ହୋଇଛି। ପୂର୍ବରୁ ଗ୍ରାମାଞ୍ଚଳରୁ ସହରକୁ ବିକ୍ରି ପାଇଁ ଆସୁଥିବା ମହିଳା ପରିବା ବ୍ୟବସାୟୀ, ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ, ଗ୍ରସରି, ମାଛ ଓ ମାଂସ ଦୋକାନୀଙ୍କ କରୋନା ଟେଷ୍ଟ ହୋଇଛି। ଛତ୍ରପୁରରେ ସ୍ୱାବ୍ ଟେଷ୍ଟିଂକୁ ବୃଦ୍ଧି କରାଯାଇଛି। ଲକ୍ଷଣ ଲୁଚାନ୍ତୁନି ସମସ୍ତେ ସହଯୋଗ କରିବାକୁ ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍.ଗଣେଶ ବାବୁ ଅନୁରୋଧ କରିଛନ୍ତି। ଛତ୍ରପୁର ଗ୍ରାମାଞ୍ଚଳରେ ୫ ଓ ଏନ୍‌ଏସିରେ ୩ ମୋଟ ୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ୪ ଜଣ ଲେଖାଏ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ଏନ୍‌ଏସିରେ ଚିହ୍ନଟ ୩ ପଜିଟିଭ୍‌ଙ୍କ ମଧ୍ୟରେ ବ୍ଲକ କଲୋନୀରୁ ୨ ଓ ଆଗ୍ରାହାମ ସାହିର ଜଣେ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଛତ୍ରପୁର ଏନ୍‌ଏସିରେ ୭୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୫୯ ସୁସ୍ଥ ହୋଇଥିବା ବେଳେ ୧୭ ଆକ୍ଟିଭ ପଜିଟିଭ୍ ଅଛନ୍ତି। କରୋନାରେ ଜଣଙ୍କର ମୃତ୍ୟୁ ହୋଇଛି।

# କରୋନାରୁ ୬୮% ଆରୋଗ୍ୟ

**ଛତ୍ରପୁର,୧।୮(ଡି.ଏନ.ଏ.)**

ଛତ୍ରପୁର ସବଡିଭିଜନରେ ବର୍ତ୍ତମାନ ସୁଦ୍ଧା କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୬୮.୨୬ ପ୍ରତିଶତ ସୁସ୍ଥ ହେଲେଣି। ଏଥିସହ ଉଭୟ ସହରାଞ୍ଚଳର ୫୦ ପ୍ରତଶତ ୱାର୍ଡ ଓ ଗ୍ରାମାଞ୍ଚଳରେ ୭୩ ପ୍ରତିଶତ ଗାଁ ଗ୍ରୀନ୍ ଜୋନ୍‌ରେ ରହିଛି। ସ୍ଥିତିରେ ସୁଧାର ଆସୁଛି। ଶନିବାର ଅପରାହ୍ଣରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ଏଡିଏମ୍ ପାରୁଲ ପଟୱାରି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୂର୍ବ ଅପେକ୍ଷା ଅଧିକ ପରୀକ୍ଷା କରାଯାଉଛି। ବର୍ତ୍ତମାନ ସୁଦ୍ଧା ୧୫ ହଜାର ୫୨୨ ଟେଷ୍ଟ ହୋଇଥିବାବେଳେ ସେଥିରୁ ୩୫ ପ୍ରତିଶତ କେବଳ ୧୦ ଦିନରେ ହୋଇଥିବା ଏଡିଏମ୍ କହଛନ୍ତି। ଏଯାବତ ଛତ୍ରପୁର ସବ୍‌ଡିଭିଜନରେ ୨୯୪୯ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୦୧୩ ସୁସ୍ଥ ହୋଇଛନ୍ତି। ୯୧୦ ପଜିଟିଭ୍ ଆକ୍ଟିଭ୍ ଥିବାବେଳେ ୨୬ ଜଣଙ୍କର ମତ୍ୟୁ ହୋଇଛି। ଏଥିମଧ୍ୟରେ ଗ୍ରାମାଞ୍ଚଳରୁ ୧୬ ଓ ସହରାଞ୍ଚଳରୁ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ଏଡିଏମ୍ ଆହୁରି କହିଛନ୍ତି, ଲକ୍ଷଣ ଲୁଚାନ୍ତୁନି। ଟେଷ୍ଟ ହେଉଛି, ପଜିଟିଭ୍‌ଙ୍କୁ ଟାଟା କୋଭିଡ୍ ହସ୍ପିଟାଲ, ପାରଳା ମହାରାଜ କୋଭିଡ୍ କେୟାର ସେଣ୍ଟର ଓ କୋଭିଡ୍ କେୟାର ହୋମ୍‌ରେ ଚିକିତ୍ସା କରାଯାଉଛି। ଏଥିସହ କେତେକ ହୋମ୍ ଆଇସୋଲେଶନରେ ଅଛନ୍ତି। ଡାକ୍ତରୀ ଟିମ୍ ସେମାନଙ୍କ ସହ ଯୋଗାଯୋଗ ରଖୁଛି। ଛତ୍ରପୁର ସବ୍‌ଡିଭଜନ ଅଧୀନ ୯୫୧ଗାଁରୁ ୬୯୫ ଗାଁ ଏବଂ ୯ ସହରାଞ୍ଚଳ ଅଧୀନ ୧୩୬ ୱାର୍ଡ ମଧ୍ୟରୁ ୬୮ ୱାର୍ଡ ଗ୍ରୀନ୍ ଜୋନ୍‌ରେ ରହିଛି। କୋଭିଡ୍ ପେସେଣ୍ଟ କନେକ୍ଟର ବ୍ୟବସ୍ଥା କରାଯାଇ ରୋଗୀ ଓ ସେମାନଙ୍କ ପରିବାରଙ୍କୁ ବର୍ତ୍ତମାନ ୮୪୬୧କଲ୍ କରାଯାଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝାଯାଉଛି। କରୋନାରୁ ସୁସ୍ଥ ୮୧ ଜଣଙ୍କୁ କୋଭିଡ୍ ବନ୍ଧୁ କରାଯାଇଛି। ସେମାନେ ବର୍ତ୍ତମାନ କରୋନା ରୋଗୀଙ୍କୁ କାଉନ୍‌ସେଲିଂ କରୁଥିବା ଏଡିଏମ୍ କହିଛନ୍ତି। କରୋନା ରୋଗୀଙ୍କ ପାଇଁ ସୁବ୍ୟବସ୍ଥା ହୋଇଛି। ସରକାରଙ୍କ ପକ୍ଷରୁ ପଠାଯାଇଥିବା ୨୭ ଅଫିସରଙ୍କୁ ଓଏସ୍‌ଡି ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ମାସ୍କ, ସାମାଜିକ ଦୂରତା, ସର୍ବସାଧାରଣରେ ଛେପ ପକାଇବା ଆଦି କୋଭିଡ୍ ଉଲ୍ଲଂଘନ ନେଇ ୨୧ ଲକ୍ଷ ୫୩ ହଜାର ୪୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ଖବରଦାତା ସମ୍ମିଳନୀରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ।


ଏଡିଏମ୍ ସୂଚନା ଦେଉଛନ୍ତି।

**ସୂଚନା ଦେଲେ ସ୍ୱତନ୍ତ୍ର ଏଡିଏମ୍**
- ନଜର ରଖୁଛନ୍ତି ୨୭ ଓଏସ୍‌ଡି
- ୭୩% ଗାଁ ଗ୍ରୀନ୍‌ଜୋନ୍‌ରେ
- ଟେଷ୍ଟ ବଢୁଛି, ଲକ୍ଷଣ ଲୁଚାଅନି

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକରେ ଲାଗିଲା ଅଭିଯୋଗ ବାକ୍ସ

**ଜୟପୁର,୧।୮(ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ ଶୁକ୍ରବାର ଏକ ଅଭିଯୋଗ ବାକ୍ସ ଟଙ୍ଗାଯାଇଛି । ଜିଲାର କେତେକ କାର୍ଯ୍ୟାଳୟକୁ ସାଧାରଣ ଲୋକଙ୍କ ଯାତାୟାତ ଅଧିକ ରହୁଛି । କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି କେତେକ କାର୍ଯ୍ୟାଳୟକୁ ଜନସାଧାରଣଙ୍କ ଯାତାୟାତ କମ୍ କରିବା ଲାଗି ସେମାନଙ୍କ ଉପରେ କଟକଣା ଲଗାଯାଇଛି। ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବାକ୍ସ ରଖାଯିବ। ସେଥିରେ ଜନସାଧାରଣ ସେମାନଙ୍କ ଅଭିଯୋଗ ଉଲ୍ଲେଖକରି ପକାଇବେ। କାର୍ଯ୍ୟାଳୟ ପକ୍ଷରୁ ସେଗୁଡିକ ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ମାତ୍ର ନିଷ୍ପତ୍ତିର ୭ ଦିନ ବିତିଯାଇଥିଲେ ମଧ୍ୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ ବାକ୍ସ ଲଗାଯାଇପାରି ନ ଥିଲା। ଏନେଇ ଶୁକ୍ରବାର ଧରିତ୍ରୀରେ 'ଲାଗିପାରିଲାନି ଅଭିଯୋଗ ବାକ୍ସ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହା ପରେ ଉପଜିଲାପାଳ ହେମକାନ୍ତ ସଏ ତୁରନ୍ତ ବାକ୍ସ ଟଙ୍ଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଏହି ଅଭିଯୋଗ ବାକ୍ସ ଲାଗିଛି।



ଉପଜିପାଳଙ୍କ ଫାଟକରେ ଲାଗିଥିବା ଅଭିଯୋଗ ବାକ୍ସ ।

## ମାଲକାନଗିରିରେ ୩୦, ଚିତ୍ରକୋଣ୍ଡାରେ ୨୪ ପଜିଟିଭ

**ମାଲକାନଗିରି/ଚିତ୍ରକୋଣ୍ଡା, ୧।୮(ଡି.ଏନ.ଏ.)**

ମାଲକାନଗିରି ଜିଲାରେ ଶନିବାର ୩୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୧୩, ମାଲକାନଗିରି ବ୍ଲକରୁ ଜଣେ, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୫, ଚିତ୍ରକୋଣ୍ଡା ବ୍ଲକରୁ ୬, ମାଥିଲି ବ୍ଲକରୁ ୨ ଓ କଲିମେଳା ବ୍ଲକରୁ ୩ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଚିତ୍ରକୋଣ୍ଡାରେ ପୂର୍ବରୁ ୧୮ ଜଣ ଥାନା କର୍ମଚାରୀ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଶନିବାର ଆଉ ୬ଜଣ ପୋଲିସ କର୍ମଚାରୀଙ୍କ ପଜିଟିଭ ଆସିଛି। ଫଳରେ ଏହି ସଂଖ୍ୟା ୨୪ରେ ପହଞ୍ଚିଛି। ଚିତ୍ରକୋଣ୍ଡା ଥାନାକୁ ସିଲ୍ କରାଯାଇ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ମାଲକାନଗିରି ଜିଲାର ଅନ୍ୟ ୬ଟି ବ୍ଲକରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଚିତ୍ରକୋଣ୍ଡାରେ ଆଦୌ ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିଲେ। ଏବେ ମାତ୍ର ୩ ଦିନ ହେଲା ଚିତ୍ରକୋଣ୍ଡା ବ୍ଲକରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଏନେଇ ସାଧାରଣରେ ଭୟ ପ୍ରକାଶ ପାଇଛି। ସ୍ଥିତି ସମ୍ଭାଳିବାକୁ ମାଲକାନଗିରି ଆଇଟିଡିଏ ପିଏ କ୍ଷୀରାବ୍ଧି ବେହେରାଙ୍କୁ ଦାୟିତ୍ୱ ମିଳିଛି। ଥାନା, ଥାନା କର୍ମଚାରୀ ରହୁଥିବା ସ୍ଥାନକୁ ସାନିଟାଇଜ କରାଯାଇଛି। କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରଖାଯିବା ସହ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଉଦ୍ୟମ ଜାରି ରହିଛି। ଆଶା, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଚିତ୍ରକୋଣ୍ଡାରେ ଘର ଘର ବୁଲି ଯାଞ୍ଚ କରି ଲୋକଙ୍କୁ ସଚେତନ କରୁଛନ୍ତି।

## ଖବର ପ୍ରକାଶ ପରେ ପୋଡ଼ାଗଲା ପିପିଇ କିଟ୍

**ଧରିତ୍ରୀ ପ୍ରଭାବ**

**ଶଙ୍କରାଖୋଲ,୧।୮(ଡି.ଏନ୍.ଏ.)**

ଚକାପାଦ ବ୍ଲକ ଶଙ୍କରାଖୋଲ ନିକଟ ୧୫୭ ନଂ. ଜାତୀୟ ରାଜପଥ ନିକଟ ଗୁଡ୍ରିଗାଁ ପୋଲ ତଳେ ୫ଟି ପିପିଇ କିଟ୍ ପଡ଼ିଥିବା ଶୁକ୍ରବାର ସକାଳେ ଗ୍ରାମବାସୀ ଦେଖିଥିଲେ। ପୋଲ ତଳ ଦେଇ ଯାଇଥିବା ନାଳ ପାଣିରେ ଗ୍ରାମବାସୀ ଗାଧୋଇବା ସହ ଅନ୍ୟାନ୍ୟ କାମ ପାଇଁ ବ୍ୟବହାର କରିଥାନ୍ତି। ପିପିଇ କିଟ୍ ପଡିଥିବା ଦେଖି ଭୟରେ ଲୋକେ ଆଉ ନାଳକୁ ଯାଇ ନ ଥିଲେ। ଏନେଇ ଧରିତ୍ରୀରେ ଶନିବାର ଖବର ପ୍ରକାଶ ପରେ ସ୍ଥାନୀୟ ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ସରପଞ୍ଚ ଚିତ୍ର କହଁର କିଟ୍ ଗୁଡିକୁ ପୋଡିଛନ୍ତି। ମାତ୍ର ବର୍ଷା ହେଉଥିବାରୁ ତାହା ସମ୍ପୂର୍ଣ୍ଣ ପୋଡି ନ ଥିବା ଦେଖିବାକୁ ମିଳିଛି। ତୁରନ୍ତ ଏହାକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ସହ ଆଗାମୀ ଦିନରେ ଯେପରି ଏପରି କିଟ୍ ବାହାରେ ନ ପଡେ ସେଥିପ୍ରତି ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ମହିଳା ଓ ପୁରୁଷଙ୍କ ଭେଜିପୁଟ ଫାଣ୍ଡି ଘେରାଉ।

## ହତ୍ୟାକାରୀଙ୍କୁ ଗିରଫ ଦାବିରେ ଫାଣ୍ଡି ଘେରାଉ

**ଖଲ୍ଲିକୋଟ,୧।୮(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ପଥରା ପଞ୍ଚାୟତ ଖଡିଆ ସାହିର ୩ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶନିବାର ପୂର୍ବାହ୍ଣ ୧୦ଟାରୁ ଭେଜିପୁଟ ଫାଣ୍ଡି ଘେରାଉ କରିଥିଲେ। ଜୁଲାଇ ୩ରେ ଘଟିଥିବା ଏକ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏପରି ଘେରାଉ କରାଯାଇଥିଲେ। ଏସ୍‌ଡିପିଓ ୩ଦିନମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଛି। ଗତ ଜୁଲାଇ ୩ରେ ଚୋରାମଦ କାରବାରକୁ ନେଇ ପଥରା ମଝିସାହି ଛକରେ ଗୋଷ୍ଠୀ ସଂଘର୍ଷ ଘଟି ଖଡିଆସାହିର ପିଙ୍କୁ ଦାସଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଆହତ ହୋଇଥିଲେ। ଏନେଇ ୧୧ ଜଣଙ୍କ ନାମରେ ଏତଲା ହୋଇଥିଲା, ୪ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଅନ୍ୟ ଅଭିଯୁକ୍ତ ଗିରଫ ନ ହେବା ଏବଂ ଅଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ହେଉଥିବା, ପୋଲିସ ଅଧିକାରୀ ହାତଗୁଞ୍ଜା ନେଇ ଦୋଷୀଙ୍କୁ ଗିରଫ କରୁ ନଥିବା ଅଭିଯୋଗ କରି ଗ୍ରାମବାସୀ ଫାଣ୍ଡି ଘେରାଉ କରିଥିଲେ। ବହୁ ମହିଳା ଫାଣ୍ଡି ଭିତରେ ପଶି ଯାଇଥିଲେ। ଛତ୍ରପୁର ଏସ୍‌ଡିପିଓ ଗୌତମ କିସାନ, ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ଭେଜିପୁଟ ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପଥରା ସରପଞ୍ଚ ବନମାଳୀ ବାଲା ପ୍ରମୁଖ ବୁଝାଶୁଝା କରିଥିଲେ। ଏସ୍‌ଡିପିଓ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ସନ୍ଧ୍ୟା ପ୍ରାୟ ସାଢେ ୬ଟାରେ ଗ୍ରାମବାସୀ ଘରକୁ ଫେରିଥିଲେ। ଏଠାରେ କୋଭିଡ୍ କଟକଣା ସମ୍ପୂର୍ଣ୍ଣ ଉଲ୍ଲଂଘନ ହୋଇଥିଲା।

## ପିଆଜ ଟ୍ରକ୍‌ରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ:୨ ଗିରଫ

**ଆର୍.ଉଦୟଗିରି,୧।୮(ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ଥାନା ପକ୍ଷରୁ ଶୁକ୍ରବାର ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆର୍.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି, ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ ସଦଳବଳ ଚାନ୍ଦିପୁଟ-ଲୁହଗୁଡି ମଧ୍ୟରେ ପାଟ୍ରୋଲିଂ କରୁଥିଲେ। ଏକ ୧୪ ଚକିଆ ଟ୍ରକକୁ ସନ୍ଦେହରେ ଯାଞ୍ଚବେଳେ ସେଥିରେ ପିଆଜ ବୋଝେଇ ହୋଇଥିବା ଓ ପିଆଜ ବସ୍ତା ତଳେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା। ତଲାସି ବେଳେ ୩୮ ବସ୍ତା ଗଞ୍ଜେଇ ମିଳିଥିଲା। ରାଉରକେଲା ଅଞ୍ଚଳର ନିଖିଲ କୁମାର ଓ ଅନୁରାଗ କୁମାର ଉକ୍ତ ଗଞ୍ଜେଇ ଭର୍ତ୍ତି ଟ୍ରକ ଆର୍.ଉଦୟଗିରି ଅଞ୍ଚଳରୁ ବନାରସ ନେଉଥିବା ଜେରାବେଳେ କହିଥିଲେ। ଉକ୍ତ ଗଞ୍ଜେଇ ବସ୍ତା ସବୁ ମୋହନା ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ଉପସ୍ଥିତିରେ ଓଜନ ପରେ ୧୦ କୁଇଣ୍ଟାଲ ୫୭କେଜି ୫ଶହ ଗ୍ରାମ ଥିବା ଜଣାପଡିଥିଲା। ଟ୍ରକ (ନଂ.ଓଆର୧୪ଡବ୍ଲ୍ୟୁ-୭୨୭୭)କୁ ଜବତ କରିବା ସହ ମାମଲା (ନଂ.୧୨୦/୨୦ରେ) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

## କୋଭିଡ୍-୧୯ ପରୀକ୍ଷାଗାର ଉଦ୍‌ଘାଟିତ

**ଫୁଲବାଣୀ ଅଫିସ, ୧।୮**

ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍-୧୯ ଚିହ୍ନଟ ଲାଗି ଏକ ପରୀକ୍ଷାଗାର ଉଦ୍‌ଘାଟିତ ହୋଇଯାଇଛି। ଏହି ପରୀକ୍ଷାଗାରରେ ଟ୍ରୁନାଟ ନାମକ ଏକ ମେଶିନ ବସାଯାଇଛି। ଯେଉଁଥିରେ ଲୋକଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା କରାଯିବ। ଫଳାଫଳ ଘଣ୍ଟାଏ ମଧ୍ୟରେ ଜଣାପଡିବ। ଆଗପରି ଆଉ ସେମାନଙ୍କୁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡିବ ନାହିଁ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲା ପ୍ରଜନନ ଓ ଶିଶୁ ଅଧିକାରୀ ଆଶିଷ କୁମାର ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବଜ୍ରପାତରେ ପୋଡ଼ିଗଲା ଘରର ସାମଗ୍ରୀ

**ଦଶମନ୍ତପୁର,୧।୮( ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତର ଥିବା ଶିଶକୁଡ଼ି ଗ୍ରାମରେ ଏକ ଘର ଉପରେ ବଜ୍ରପାତ ହୋଇଛି। ତେବେ ପରିବାର ଲୋକମାନଙ୍କ କିଛି କ୍ଷତି ହୋଇ ନ ଥିବା ବେଳେ କେତେକ ସାମଗ୍ରୀ ପୋଡି ନଷ୍ଟ ହୋଇଛି। ଗ୍ରାମର ପ୍ରହଲ୍ଲାଦ ପାତ୍ରଙ୍କ ଘର ନିକଟରେ ଥିବା ସଲପ ବୃକ୍ଷରେ ବନ୍ଧାହୋଇଥିବା ବାଉଁଶକୁ ବଜ୍ରପାତ ହୋଇ ଏହା ତାଙ୍କ ଘର ଭିତରକୁ ପ୍ରତିଫଳିତ ହୋଇଥିଲା। ଏଥିରେ ପ୍ରହଲ୍ଲାଦଙ୍କ ଡ୍ରେସ୍, ଶାଢ଼ି, ମଶାରି, କାଗଜପତ୍ର ସହ ଘରର ବିଦ୍ୟୁତ୍ ତାର ପୋଡି ନଷ୍ଟ ହୋଇଯାଇଛି। ବର୍ଷା ସମୟରେ ୩ ଜଣ ବ୍ୟକ୍ତି ଏକ କାମ ନେଇ ମୋ ପାଖକୁ ଆସିଥିଲେ। ସ୍ତ୍ରୀ ଘର ଭିତରେ ଥିଲେ। ଆସିଥିବା ଲୋକମାନଙ୍କ ସହ ବାହାରେ କଥାବାର୍ତ୍ତା ହେଉଥିବା ବେଳେ ହଠାତ୍ ଘଡ଼ଘଡ଼ି ସହ ବିଜୁଳି ମାରି ବଜ୍ରପାତ ହୋଇଥିଲା। ଘରେ ନିଆଁ ହୁଳା ଓ ଧୂଆଁ ଦେଖି ମୋ ସ୍ତ୍ରୀ ଚିତ୍କାର କରି ବାହାରକୁ ଚାଲି ଆସିଥିଲେ। ବଜ୍ରପାତ ଶବ୍ଦରେ ସ୍ତ୍ରୀଙ୍କ କାନକୁ ଶୁଭୁ ନ ଥିବା ବେଳେ ମୋତେ ମଧ୍ୟ ଭଲଭାବେ ଶୁଭୁନାହିଁ ବୋଲି ପ୍ରହଲ୍ଲାଦ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କୁ ପଚାରିବାରୁ ସେ କହିଲେ ଯେ, ପିଣ୍ଡାପଦର ଆର୍‌ଆଇଙ୍କୁ ପଠାଇ ଏହାର ତଦନ୍ତ କରିବି। ରିପୋର୍ଟ ଆସିଲା ପରେ ସହାୟତା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ବନ୍ଦ ହେଲା ବେଆଇନ କ୍ଲିନିକ୍

**ରାମଗିରି,୧।୮(ଡି.ଏନ.ଏ.)**

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ରାମଗିରି ହାଟପଦା ନିକଟରେ ବେଆଇନ ଭାବେ ଏକ ଘରୋଇ କ୍ଲିନିକ ଦୀର୍ଘଦିନ ହେବ ଚାଲୁଥିଲା। ଉକ୍ତ କ୍ଲିନିକ୍‌ର କ୍ୱାକ୍ ନିଜକୁ ଡ଼ାକ୍ତର ପରିଚୟ ଦେଇ ଆଦିବାସୀ ଅଞ୍ଚଳର ନିରୀହ ଲୋକମାନଙ୍କୁ ଠକି ମୋଟା ଅଙ୍କର ଅର୍ଥ ଶୋଷଣ କରୁଥିଲେ। କରୋନା ମହାମାରି ସମୟରେ କ୍ଲିନିକ୍‌ରେ ନାହିଁ ନଥିବା ଭିଡ଼ ହେଉଥିଲା। ଯେକୌଣସି ପ୍ରକାରେ ରୋଗୀଙ୍କୁ ବିନା ପରୀକ୍ଷାରେ ଚିକିତ୍ସା କରୁଥିଲେ। ଆବଶ୍ୟକ ପଡ଼ିଲେ ଛୋଟମୋଟ ଅସ୍ତ୍ରୋପଚାର ମଧ୍ୟ କରୁଥିଲେ। ଖବର ପାଇ ରାମଗିରି ଥାନା ଏସ୍‌ଆଇ ପ୍ରସନ୍ନ କୁମାର ତାରିଣି, ସରପଞ୍ଚ ଆଦିକନ୍ଦ କାର୍ଯୀ ଯାଇ କାଗଜପତ୍ର ଯାଞ୍ଚବେଳେ କ୍ଲିନିକ୍ ବେନିୟମ ଭାବେ ଚାଲିଥିବା ଜଣାପଡିଥିଲା।

## ତାରାତାରିଣୀ ପୀଠରୁ ମାଟି, ଜଳ ଗଲା

**ରାମ ମନ୍ଦିର ଭୂମି ପୂଜନ**

**ପୁରୁଷୋତ୍ତମପୁର,୧।୮(ଡି.ଏନ.ଏ.)**

ଅଯୋଧ୍ୟା ଠାରେ ହେବାକୁ ଥିବା ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମନ୍ଦିର ନିର୍ମାଣ ଲାଗି ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବେ। ଭୂମି ପୂଜା ସକାଶେ ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ବାସସ୍ଥାନ ରତ୍ନଗିରି ପାହାଡରୁ ମାଟି ଓ ପବିତ୍ର ଋଷିକୁଲ୍ୟା ନଦୀର ଜଳ ଶନିବାର ମନ୍ଦିର ସେବାୟତ ବାପୁଜୀ ରଣାଙ୍କ ସମେତ ଅନ୍ୟମାନେ ପଠାଇଛନ୍ତି। ଟ୍ରେନ୍, ବସ ଚଳାଚଳ ବନ୍ଦ ଥିବାରୁ ଡାକଯୋଗେ ଏହା ପଠାଯାଇଛି।


ତାରାତାରିଣୀ ପୀଠ ମାଟି ଓ ପବିତ୍ର ଋଷିକୁଲ୍ୟା ନଦୀର ଜଳ ପ୍ରେରଣ କରାଯାଉଛି।

# ବିଲ୍‌ରେ ଠିକ୍ ତଥ୍ୟ ନାହିଁ

**ଅଙ୍ଗନୱାଡି କେନ୍ଦ୍ରକୁ ମେଡିସିନ୍ କିଟ୍ସ କିଣା ପ୍ରସଙ୍ଗ**

**ବୈପାରିଗୁଡା,୧।୮ (ଡି.ଏନ୍.ଏ.)**

କୋରାପୁଟ ଜିଲା ବୈପାରିଗୁଡା ବ୍ଲକରେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡିକ ପାଇଁ ମେଡିସିନ୍ କିଟ୍ସ କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ପୂର୍ବରୁ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ତେବେ ବର୍ତ୍ତମାନ ପ୍ରଶାସନ ନିକଟରେ ଦାଖଲ ହୋଇଥିବା ବିଲ୍‌ରେ ନୂଆ ତଥ୍ୟ ସାମନାକୁ ଆସିଛି। ଖବରରୁ ଜଣାପଡିଛି କେତେକ ଅଙ୍ଗନୱାଡି କେନ୍ଦ୍ରକୁ ପ୍ରଦାନ କରାଯାଇଥିବା ବିଲ୍‌ରେ ସଠିକ୍ ତଥ୍ୟ ନାହିଁ। ଏବାବଦରେ ପ୍ରତି କେନ୍ଦ୍ର ପାଇଁ ୧ ହଜାର ୫ ଶହ ଟଙ୍କା ଅନୁଦାନ ଆସିଛି । ତେବେ ଅଙ୍ଗନୱାଡି କେନ୍ଦ୍ରକୁ ୨ଟି ବିଲ୍ ପ୍ରଦାନ କରାଯାଇଛି । ଗୋଟିଏ ବିଲ୍ କୁନ୍ଦୁରା ବ୍ଲକର ଏକ ନିର୍ଦ୍ଦିଷ୍ଟ ମେଡିକାଲ ଷ୍ଟୋର ନାମରେ ଥିବା ବେଳେ ଏଥିରେ ୧ ହଜାର ୧୩୦ ଟଙ୍କା ଉଲ୍ଲେଖ ରହିଛି । ଅନ୍ୟ ଗୋଟିଏ ବିଲ୍‌ରେ ୩୭୦ ଟଙ୍କା ରହିଛି। ଏହା ଜୟପୁର ସହରର ଏକ ଗାରମେଣ୍ଟ ଷ୍ଟୋର ନାମରେ ଥିବା ଜଣାପଡିଛି। ତେବେ ମେଡିକାଲ ଷ୍ଟୋର ନାମରେ ଥିବା ବିଲ୍‌ରେ ମେଡିସିନ ସାମଗ୍ରୀର ପରିମାଣ, ଏମ୍‌ଆରପି ଏବଂ ଟୋଟାଲ ଆମାଉଣ୍ଟ ମଧ୍ୟରେ ହିସାବ ମେଳ ଖାଉନାହିଁ। ଯେପରି ମେଲଡିନ୍-ଏମ, କ୍ୱାଣ୍ଟିଟି ୮,ଏମ୍‌ଆରପି ୮୫ ଟଙ୍କା ରହିଥିବା ବେଳେ ମୋଟ ହିସାବ ପଡିଛି ୧୬୦ ଟଙ୍କା। ବର୍ଣ୍ଣ-ହେଲ୍, କ୍ୱାଣ୍ଟିଟି ୬ଥିବା ବେଳେ ଏମ୍‌ଆରପି ରହିଛି ୭୪ ଟଙ୍କା ୫୦ ପଇସା। ତେବେ ମୋଟ ହିସାବ ୧୫୦ ଟଙ୍କା ଉଲ୍ଲେଖ ରହିଛି। ଲାବୋଡିନ୍ କ୍ୱାଣ୍ଟିଟି ୨,ଏମଆରପି ୨୧୦ ଟଙ୍କା ଥିବା ବେଳେ ମୋଟ୍ ହିସାବ ପଡିଛି ୨୨୦ ଟଙ୍କା। ଟି-ମିଟର, କ୍ୱାଣ୍ଟିଟି ଗୋଟିଏ, ଏମ୍‌ଆରପି ୩ ଶହ ଟଙ୍କା ରହିଛି। ମାତ୍ର ହିସାବରେ ପଡିଛି ୧୬୮ ଟଙ୍କା। ଏକଟନ୍ ମେଡିସିନର କ୍ୱାଣ୍ଟିଟି ରହିଛି ୧,ଏମ୍‌ଆରପି ପଡିଛି ୩ ଶହ ଟଙ୍କା। ମାତ୍ର ଏଠାରେ ହିସାବରେ ରହିଛି ୧୨୬ ଟଙ୍କା। ଓରସିଲିମ୍‌ର କ୍ୱାଣ୍ଟିଟି ୨୦,ଏମ୍‌ଆରପି ୧୯ ଟଙ୍କା ୯୦ ପଇସା ଥିବା ବେଳେ ମୋଟ୍ ହିସାବରେ ପଡିଛି ୧୧୦ ଟଙ୍କା। ତେବେ ଅଧିକାଂଶ ସାମଗ୍ରୀର ଦାମ ଅଧାଠାରୁ କମ୍ ଥିବା ବେଳେ ସେଗୁଡିକର ଗୁଣବତ୍ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପନଶ୍ଚ ବିଲ୍‌ରେ ବ୍ୟାଚ ନମ୍ବର ଏବଂ ଏକ୍ସପାରି ଡେଟ୍ ସ୍ଥାନରେ କିଛି ଉଲ୍ଲେଖ ନାହିଁ । ଯାହା ଫଳରେ ଅନେକ ସାମଗ୍ରୀ ସରକାରୀ ସପ୍ଲାଇ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ଡିଏସ୍‌ଡବ୍ଲ୍ୟୁଓ ଏଚ୍. ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ ଯେ, ଏବେ ମୁଁ ହୋମ କ୍ୱାରାଣ୍ଟାଇନ୍‌ରେ ଅଛି ସୁସ୍ଥ ହେବା ପରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ।


Doctor
Date 11.06.2020 No.

| S. No. | Particulars | HSN Code | Batch No & Expiry Date | Qty. | M.R.P | CGST Tax% | CGST Amount | SGST Tax% | SGST Amount | Total Amount Rs. Ps. |
|---|---|---|---|---|---|---|---|---|---|---|
| 1 | Neldine M | | | 8 | 85 | 6 | 9.6 | 6 | 9.6 | 160 |
| 2 | Burn Heal | | | 6 | 74.5 | 6 | 9.36 | 6 | 9.36 | 156 |
| 3 | Lobodine 500ml | | | 2 | 210 | 6 | 13.20 | 6 | 13.20 | 220 |
| 4 | T. Meter | | | 1 | 300 | 9 | 15.12 | 9 | 15.12 | 168 |
| 5 | G. Bandage | | | 2 | | 6 | 8.40 | 6 | 8.40 | 140 |
| 6 | A. Cotton | | | 1 | 300 | 6 | 7.56 | 6 | 7.56 | 126 |
| 7 | O.R.S Lime | | | 20 | 19.90 | 2.5 | 2.75 | 2.5 | 2.75 | 110 |
| 8 | M.Tape | | | 3 | | 6 | 3 | 6 | 3 | 50 |
| 9 | | | | | | | | | | |
| 10 | | | | | | | | | | |
| | Total Amount | | | | | | | | | 1130 |

Words Rupees. One Thousend one hundread thirty rupees
B. : If there is any price discrepancy or a date expired product has been supplied through oversight, please bring it to our notice for necessry action. Please show the medicine to your Doctor before use. Goods once sold are not refundable.
E.&O.E. Thank You ! Signature.

ଅଣାଯାଇଥିବା ବିଲ୍ ।

## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

ଏମଭି-୭୯,୧।୮ (ଡି.ଏନ୍.ଏ.)- ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବାନେଇ ମାଲକାନାଗିରି ଜିଲା ଏମଭି-୭୯ ଥାନାରେ ଶନିବାର ଅଭିଯୋଗ ହୋଇଛି। ପୋଲିସ ୪୭/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି ନୂଆଗୁଡା ଗ୍ରାମର ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ଗତ ୨୦ରୁ ବାହାରକୁ କାମ କରିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ୨୮ ତାରିଖ ଭୋର ୪ଟା ବେଳେ ସେହି ଗ୍ରାମର ମୁୟା ମାଡକାମି ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଘଟଣା ବାହାରେ ପ୍ରକାଶ ନ କରିବାକୁ ତାଙ୍କୁ ଧମକଚମକ ଦେଇଥିଲେ। ଏନେଇ ପୀଡିତା ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମରେ ଏକ ବୈଠକ ବସିଥିଲା। ମାତ୍ର ଅଭିଯୁକ୍ତ ଜଣକ ବୈଠକକୁ ଆସି ନ ଥିଲେ। ମହିଳାଙ୍କ ସ୍ୱାମୀ ଘରକୁ ଫେରିବା ପରେ ସେ ଶନିବାର ଏମଭି-୭୯ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

କାଲିମେଲା,୧।୮(ଡି.ଏନ.ଏ) ମାଲାକନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ମାନ୍ୟମକୋଣ୍ଡା ପଞ୍ଚାୟତର ପଟେରୁ ଗ୍ରାମର ଜଣେ ମହିଳା ଶନିବାର ବିଷଖାଇ ଆତ୍ମହତ୍ୟା କରିଛନ୍ତି। ସେ ବିଷ ଖାଇଥିବା ଜାଣିବା ପରେ ପରିବାର ଲୋକେ ତାଙ୍କୁ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ମହିଳା ଜଣକ ହେଉଛନ୍ତି ପଟେରୁ ଗ୍ରାମର କୁଞ୍ଜ ଉଲାଙ୍କ ସ୍ତ୍ରୀ ସାଇ ଉଲା (୫୦)। ପାରିପାରିକ କଳହକୁ କେନ୍ଦ୍ର କରି ସାଇ ଶୁକ୍ରବାର ସକାଳେ ବିଷ ପିଇ ଦେଇଥିଲେ। ଅପରାହ୍ନ ୪ଟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।

### କାଲିମେଲାରେ ବିଡିଓଙ୍କୁ ଦାବିପତ୍ର ଦେଲେ ସତ୍ୟବ୍ରତ

କାଲିମେଲା,୧।୮(ଡି.ଏନ.ଏ.)- ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ଓଡିଶାର ୩୦ ଟି ଜିଲ୍ଲାର ୩୧୪ ଟି ବ୍ଲକକୁ ପଦଯାତ୍ରା ଆରମ୍ଭ କରିଥିବା ସତ୍ୟବ୍ରତ ଦାସ ଶନିବାର ମାଲକାନଗିର ଜିଲା କାଲିମେଲା ବ୍ଲକରେ ପହଞ୍ଚିଛନ୍ତି। ଇତି ମଧ୍ୟରେ ସେ ୨୨୩ ବ୍ଲକ ପରିକ୍ରମା କରିସାରିଲେଣି। ଜଗତସିହପୁର ଜିଲା ବାଲିକୁଦା ଅଞ୍ଚଳର ସତ୍ୟବ୍ରତ କାଲିମେଲା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସେ ଏକ ଦାବିପତ୍ର ବିଡିଓ ଉମା ଶଙ୍କର ଦଳାଇଙ୍କୁ ଦେଇଥିଲେ। ଏହି ସମୟରେ ବ୍ଲକ ଅଧ୍ୟକ୍ଷ ମାଲା ମାଢି, ତହସିଲଦାର ଆଲୋକ କୁମାର ଅନୁଗୁଳିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା, ମହାନଦୀ ଜଳ ବଣ୍ଟନ ସମସ୍ୟା ଓ ପୋଲାଭରମ ପ୍ରକଳ୍ପ ନେଇ ସେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

### ନାବାଳିକାଙ୍କ ଆତ୍ମହତ୍ୟା

କାଲିମେଲା/ଏମଭି-୭୯,୧।୮ (ଡି.ଏନ.ଏ.)-ମାଲକାନଗିରି ଜିଲା ମୋଟୁ ଥାନା ଅନ୍ତର୍ଭୁକ୍ତ ଏମଭି-୮୧ ଗ୍ରାମରେ ଜଣେ ନାବାଳିକା(୧୬) ପାରିବାରିକ କଳହକୁ କେନ୍ଦ୍ରକରି ଶନିବାର ଆତ୍ମହତ୍ୟା କରିଛନ୍ତି। ସେ ଗ୍ରାମର ଗୌତମ ମଣ୍ଡଳଙ୍କ ଝିଅ ସୁପ୍ରିୟା। ସକାଳେ ରୋଷେଇ କରିବାକୁ ନେଇ ସୁପ୍ରିୟା ଏବଂ ତାଙ୍କ ମାଆଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ପରିବାର ଲୋକେ ଚାଷ କରିବାକୁ ଚାଲିଯାଇଥିଲେ। ଏହି ସମୟରେ ସୁପ୍ରିୟା ଘରର ଝରକାରେ ଲାଗିଥିବା ଲୁହାରେ ନିଜ ଓଢଣି ବେକରେ ଆତ୍ମହତ୍ୟା କରିଦେଇଥିଲେ। ଖବରପାଇ ପରିବାର ଲୋକେ ଘରେ ପହଞ୍ଚିଥିଲେ। ଏନେଇ ପୋଲିସକୁ ଖବର ଦେବାରୁ ମୋଟୁ ଥାନା ଭାରପାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାଲିମେଲା ଡାକ୍ତରଖାନାକୁ ପଠାଇଥିଲେ। ଏନେଇ ୧୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ନବରଙ୍ଗପୁରରୁ ୯ ପଜିଟିଭ

ନବରଙ୍ଗପୁର,୧।୮( ବି.ପ୍ର.)- ନବରଙ୍ଗପୁର ଜିଲାରୁ ଶନିବାର ୯ଜଣ କରୋନା ପଜିଟିଭ ବାହାରିଛନ୍ତି। ନବରଙ୍ଗପୁର ପୌରାଞ୍ଚଳରୁ ୫, ତେନ୍ତୁଳିଖୁଣ୍ଟି ବ୍ଲକରୁ ୨, ପାପଡ଼ାହାଣ୍ଡି ଓ ଡାବୁଗାଁରୁ ଜଣେ ଲେଖାଏଁ ପଜିଟିଭ ଚିହ୍ନଟ ହୋଇଥିବା ଜିଲାପାଳ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି। ଉମରକୋଟ ଓ ନବରଙ୍ଗପୁର ସହରକୁ ଶଟ୍‌ଡାଉନ କରାଯାଇଛି। ଶନିବାର ଏଠାରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ପୋଲିସର ଯାଞ୍ଚ କଡ଼ାକଡ଼ି ଚାଲିଥିବା ଦେଖାଯାଇଥିଲା।

# ରୋଗଠୁ ବଳିଗଲା ସାମାଜିକ ବାସନ୍ଦ ଯନ୍ତ୍ରଣା

**ବିଷମକଟକ,୧।୮:**

- କରୋନା ଭୟରେ ଗାଁରେ ପୂରାଇଦେଲେନି
- ପରିତ୍ୟକ୍ତ ବିଶ୍ରାମାଗାରରେ କଟିଲା ରାତି
- ଡାକ୍ତରଖାନାରେ ଭର୍ତ୍ତି କଲା ବ୍ଲକ୍ ପ୍ରଶାସନ


ସଞ୍ଜୟ

ବିଷମକଟକ,୧।୮: କରୋନା ପରିସ୍ଥିତିରେ ହାରିଯାଉଛି ମାନବିକତା। କୌଣସି ବ୍ୟକ୍ତି ସଂକ୍ରମିତ ଚିହ୍ନଟ ହେଲେ କିମ୍ବା ବାହାର ଅଞ୍ଚଳରୁ ଫେରିଥିବା ଜାଣିଲେ ସେମାନଙ୍କ ପ୍ରତି ଲୋକଙ୍କ ଦୃଷ୍ଟିଭଙ୍ଗୀ ବଦଳିଯାଉଛି। ନିଜ ଗାଁରେ ହିଁ ସେମାନଙ୍କୁ ସାମାଜିକ ବାସନ୍ଦର ଶିକାର ହେବାକୁ ପଡୁଛି। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଭାତପୁର ପଞ୍ଚାୟତର ନୂଆଗାଁ ଗ୍ରାମରେ।

ନୂଆଗାଁର ଅର୍ଜୁନ ମିଣିଆକାଙ୍କ ପୁଅ ସଞ୍ଜୟଙ୍କ ହାତରେ ଏକ ଘା' ହୋଇଥିବାବେଳେ ତାହା ଶୁଖୁ ନ ଥିଲା। ତେଣୁ ୧୫ଦିନ ତଳେ ତାଙ୍କୁ ଚିକିତ୍ସା ପାଇଁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଅବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସମ୍ପର୍କୀୟ ଲୋକେ ସଞ୍ଜୟଙ୍କୁ କଟକସ୍ଥିତ ବଡ଼ ମେଡିକାଲକୁ ନେଇଥିଲେ। ହେଲେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ନାବାଳକଙ୍କ ଚିକିତ୍ସା ହୋଇପାରି ନ ଥିଲା। ତେଣୁ ସଞ୍ଜୟଙ୍କୁ ନେଇ ପୁଣି ଗାଁକୁ ଫେରିଥିଲେ। ହେଲେ କରୋନା ପ୍ରଭାବିତ କଟକ ଜିଲାରୁ ଫେରିଥିବାରୁ ଗ୍ରାମବାସୀ ସେମାନଙ୍କୁ ଗାଁରେ ପଶିବାକୁ ଦେଇ ନ ଥିଲେ। କୌଣସି ଉପାୟ ନ ପାଇ ସମ୍ପର୍କୀୟମାନେ ରୋଗାକ୍ରାନ୍ତ ସଞ୍ଜୟଙ୍କୁ ନେଇ ଗାଁ ଅପରପାର୍ଶ୍ୱରେ ଥିବା ଏକ ପରିତ୍ୟକ୍ତ ବିଶ୍ରାମାଗାରରେ ରାତ୍ରିଯାପନ କରିଥିଲେ। ଗାଁ ଲୋକଙ୍କୁ ବହୁ ବୁଝାଶୁଝା କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ସୂଚନା ପାଇ ଶନିବାର ଅପରାହ୍ନରେ ବ୍ଲକ୍ ପ୍ରଶାସନ ପକ୍ଷରୁ ସଞ୍ଜୟଙ୍କୁ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୱେବିନାର



ୱେବିନାରରେ ଅଂଶଗ୍ରହଣ କରିଥିବା ଅତିଥି।

**କୋରାପୁଟ,୧।୮(ସ୍ୱ.ପ୍ର.)**

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ଜୈବବିବିଧତା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ବିଭାଗ ପକ୍ଷରୁ ସୁନାବେଡ଼ା କ୍ୟାମ୍ପସଠାରେ ଜୈବ ବିବିଧତା, ପରିବେଶ ଓ ସ୍ୱାସ୍ଥ୍ୟ ଶୀର୍ଷକ ଏକ ଜାତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ଯୋଗଦେଇ ଏହାକୁ ଶୁଭାରମ୍ଭ କରି ପ୍ରାକୃତିକ ସମ୍ପଦ ପ୍ରକୃତିର ଦାନ ବୋଲି ଅଭିହିତ କରି ଏହାର କିପରି ସୁରକ୍ଷା କରାଯାଇପାରିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱ ଅର୍ଥନୀତି ଫୋରମ ରିପୋର୍ଟ-୨୦୨୦ ଅନୁଯାୟୀ ବିଶ୍ୱରେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦର ଠିକ୍ ସୁପରିଚାଳନା ଅଭାବରୁ ଏବେ ବିଶ୍ୱରେ ଦୈବିଦୁର୍ବିପାକ ବୃଦ୍ଧିପାଉଛି ବୋଲି ମତ ପ୍ରକାଶ ପାଇଥିଲା। ଏହି ୱେବିନାରରେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମଧୁସ୍ମିତା ଦାସ ଯୋଗଦେଇ ଗତ ୩୭ ବର୍ଷ ମଧ୍ୟରେ ବର୍ଦ୍ଧିତ ଜନସଂଖ୍ୟା ଓ କଳକାରଖାନା ଯୋଗୁ ୨୭ ପ୍ରତିଶତ ପ୍ରାକୃତିକ ସମ୍ପଦ ନଷ୍ଟ ହୋଇଥିବା ଆଲୋକପାତ କରିଥିଲେ। ନୂଆଦିଲ୍ଲୀର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇମୋନୋଲୋଜିର ନିର୍ଦ୍ଦେଶକ ଡ. ଅମୂଲ୍ୟ କୁମାର ପଣ୍ଡା ଯୋଗଦେଇ ଓଡ଼ିଶାରେ ଥିବା ପ୍ରାକୃତିକ ବିଭବ ଓ ସମ୍ପଦ ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଛି। ଭବିଷ୍ୟତ ପିଢ଼ି ପାଇଁ ଏହାର ସୁରକ୍ଷା ଉପରେ ସମସ୍ତେ ଗୁରୁତ୍ୱଦେବା ଆବଶ୍ୟକ ବୋଲି କହିଥିଲେ। ଓଡ଼ିଶାର ଜଙ୍ଗଲରେ ବହୁ ଅସାଧ୍ୟ ରୋଗର ଔଷଧୀୟ ବୃକ୍ଷ ରହିଛି। ସେଗୁଡ଼ିକର ସୁରକ୍ଷା କରାଗଲେ ଲୋକଙ୍କ ସ୍ୱାସ୍ଥ୍ୟ ନିରାପଦ ରହିବ ବୋଲି ଡ. ପଣ୍ଡା କହିଥିଲେ। ହାଇଦ୍ରାବାଦର ପରିବେଶବିତ୍ ପ୍ରଫେସର କେ. ପୁରୁଷୋତ୍ତମ ରେଡ୍ଡି ଆଲୋଚନାରେ ଅଂଶଗ୍ରହଣ କରି ଇଷ୍ଟର୍ନ ଘାଟ ଅଞ୍ଚଳରେ ଥିବା ଓଡ଼ିଶା ପରିବେଶର ସନ୍ତୁଳନ ରକ୍ଷା ନେଇ ଆହ୍ୱାନ ଦେଇଥିଲେ। କନ୍‌ଭେନର ପ୍ରଫେସର ଶରତ କୁମାର ପାଲିତା ସ୍ୱାଗତ ସୂଚନା ଦେଇଥିଲେ। ସହକାରୀ ପ୍ରଫେସର ଡ. କାକଳି ବାନାର୍ଜୀ, ସହକାରୀ ପ୍ରଫେସର ଡ. ଦେବେନ୍ଦ୍ର ପଣ୍ଡା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଉପସ୍ଥିତ ଥିଲେ।

# ୧କୁଇଣ୍ଟାଲ ୧୨ କେଜି ଗଞ୍ଜେଇ ଜବତ, ୩ ଗିରଫ

**ଜୟପୁର,୧।୮ (ନି.ପ୍ର./ଡି.ଏନ.ଏ.)**


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ।

କୋରାପୁଟ ଜିଲା ଜୟପୁର ସଦର ଥାନା ପକ୍ଷରୁ ଚଢାଉ କରାଯାଇ ଗଞ୍ଜେଇ ଚୋରାଚାଲାଣ ବେଳେ ପାତ୍ରପୁଟ ବ୍ରିଜ ନିକଟରୁ ଏହାକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆସାମର ଦିମା ହାସଓ ଜିଲାର ଲଙ୍ଗଟିଙ୍ଗ ଥାନା ଅଞ୍ଚଳର ମହିଳା ଶିଳ୍ପୀ ଆଚାରୀ (୩୮), ଡ୍ରାଇଭର କୋମଲ ସନାର (୩୨) ଏବଂ ବିହାରର ବକ୍ସର ଜିଲାର ଅରବିନ୍ଦ କୁମାର (୨୮) । ଲମତାପଟରୁ ଏକ ମାରୁତି (ଡବ୍ଲ୍ୟୁବି ୭୪ୟୁ- ୨୩୨୦) କାରରେ ଚାଲାଣ ହେଉଥିବା ଖବର ପାଇ ଥାନା ଅଧିକାରୀ ଆଦିତ୍ୟ ମହାକୁରଙ୍କ ନେତୃତ୍ୱରେ ପୋଲିସ ୩୨୬ ନମ୍ବର ଜାତୀୟ ରାଜପଥ ପାତ୍ରପୁଟ କୋଲାବ ନଦୀ ପୋଲ ନିକଟରେ ଚଢାଉ କରିଥିଲା। ସେମାନଙ୍କଠାରୁ ୨୮ ପ୍ୟାକେଟରେ ଥିବା ୧ କୁଇଣ୍ଟାଲ ୧୨ କିଲୋ ୮୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହାର ମୂଲ୍ୟ ୫ ଲକ୍ଷ ୫୦ ହଜାର ହେବ। ଗିରଫ ଅଭିଯୁକ୍ତଙ୍କଠାରୁ ୪ଟି ମୋବାଇଲ, ୫୫୦ ଟଙ୍କା ଜବତ କରାଯାଇଛି। ମାଛକୁଣ୍ଡ ଥାନା ଲମତାପୁଟ ଅଞ୍ଚଳର ଆଲେକ୍ସ ଖ୍ରୀଷ୍ଟିଆନ ଓରଫ ହେପି, ସୁନାଧର ପାଙ୍ଗୀ ଓରଫ ସମୀର ଏବଂ ଉପେନ୍ଦ୍ର ପାଙ୍ଗୀ ଏହି ଗଞ୍ଜେଇ ଚାଲାଣର ମାଷ୍ଟରମାଇଣ୍ଡ। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଏନେଇ ଏନ୍‌ଡିପିଏସ୍ ଧାରାରେ ଏକ ମାମଲା (୧୩୯/୨୦) ରୁଜୁ ହୋଇଛି। ଚଢାଉରେ ଏସ୍‌ଆଇ ଏନ୍.କେ. ଟୋପ,ଏଏସ୍‌ଆଇ ଏସ୍.କେ. ସାମଲଙ୍କ ସହ ଅନ୍ୟମାନେ ସାମିଲ ଥିଲେ ବୋଲି ଥାନା ଅଧିକାରୀ ମହାକୁର କହିଛନ୍ତି।

## ପରୀକ୍ଷାରେ ଫେଲ୍ ହେବାରୁ ନାବାଳିକାଙ୍କ ଆତ୍ମହତ୍ୟା

**ରାଇଘର, ୧।୮(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ରାଇଘର ଥାନା ଅଧୀନ ଉଦୟପୁର ଡିଏନ୍‌କେ ଗାଁର ଜଣେ ନାବାଳିକା ବେକରେ ଗାମୁଛା ଲଗାଇ ଶନିବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ଗାଁର ମିହିର ବିଶ୍ୱାସଙ୍କ ଝିଅ ପାୟଲ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଫେଲ୍ ହୋଇଯିବାରୁ ସେ ଏଭଳି ପଦକ୍ଷେପ ନେଇଥିବା ପରିବାର ଲୋକେ କହିଛନ୍ତି। ପ୍ରକାଶ ଯେ, ପାୟଲ ଏହି ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ଗତ ୨୯ ତାରିଖରେ ଏହାର ଫଳାଫଳ ବାହାରିଥିବାବେଳେ ପାୟଲ ଫେଲ୍ ହୋଇଯାଇଥିଲେ। ଏହାପରେ ପାୟଲଙ୍କ ମାନସିକସ୍ଥିତି ଠିକ୍ ନ ଥିଲା। ଶନିବାର ଅପରାହ୍ନରେ ସେ ଘର ଛାତରେ ଲାଗିଥିବା ଏକ ଲୁହାରେ ବେକରେ ଗାମୁଛା ଲଗାଇ ଦେଇଥିଲେ। ଘର ଲୋକେ ଏହା ଦେଖି ତାଙ୍କୁ ତଳକୁ ଓହ୍ଲାଇ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ରାଇଘର ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ରୂପେଶ ଡାଲି ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। କେସ୍ ନଂ. ୪୫/୨୦ରେ ତଦନ୍ତ ଚାଲିଛି।

## ଘରେ ପାଳିଲେ ଇଦ୍-ଉଜ୍-ଜୁହା

**ଜୟପୁର,୧।୮(ଡି.ଏନ.ଏ.)**

ବଳିଦାନ ତଥା ତ୍ୟାଗର ପର୍ବ ଇଦ୍-ଉଜ୍-ଜୁହାକୁ କୋରାପୁଟ ଜିଲା ଜୟପୁର ମୁସଲମାନ ସମ୍ପ୍ରଦାୟ ଶନିବାର ସେମାନଙ୍କ ଘରେ ପାଳନ କରିଛନ୍ତି। କରୋନା ସଂକ୍ରମଣ ଯୋଗୁ ସରକାର ବିଭିନ୍ନ ପୂଜା ଓ ଉପାସନା ପୀଠରେ ପ୍ରାର୍ଥନା ଏବଂ ପୂଜାର୍ଚ୍ଚନା ଉପରେ କଟକଣା ଲଗାଇଥିବାରୁ ସହରର ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଚଳିତବର୍ଷ ଏହି ପର୍ବ ନିରାଡମ୍ବର ଭାବେ ପାଳନ କରାଯାଇଥିବା ଦେଖିବାକୁ ମିଳିଛି। ନିଜ ଘରେ ନମାଜପାଠ ସହିତ ଏହାକୁ ପାଳନ କରିଥିଲେ। ସ୍ଥାନୀୟ ଡେରାସାହିସ୍ଥିତ ଜାମା ମସ୍‌ଜିଦ ଏବଂ ନାଗାର୍ଜିସାହିସ୍ଥିତ ମଦିନା ମସ୍‌ଜିଦରେ କେବଳ ମୌଲାନା ଏବଂ ଅନ୍ୟ ଜଣେ,ଦୁଇଜଣ ସହାୟକଙ୍କୁ ନେଇ ନମାଜ ପାଠ କରାଯାଇଥିଲା। ସେହିପରି ବଳିଦାନ ଭାବେ ଶଟ୍‌ଡାଉନ ଯୋଗୁ ଚଳିତବର୍ଷ ମାତ୍ର ୧୫ଟି ଛେଳିକୁ ବଳି ପ୍ରଦାନ କରାଯାଇଥିବା ଅଞ୍ଜୁମନ କମିଟି ପକ୍ଷରୁ କୁହାଯାଇଛି।

# ରାୟଗଡ଼ା ଜିଲାରୁ ରେକର୍ଡ ୧୬୪ ପଜିଟିଭ

**ରାୟଗଡ଼ା ଅଫିସ,୧।୮:**

- ଜିଲାକୁ ୭୨ ଘଣ୍ଟା ଶଟ୍‌ଡାଉନ ଘୋଷଣା
- ମେଡିକାଲ ଓପିଡି ୪୮ ଘଣ୍ଟା ବନ୍ଦ

ସମସ୍ତ ରେକର୍ଡ ଅତିକ୍ରମ କରି ପ୍ରଥମଥର ପାଇଁ ରାୟଗଡ଼ା ଜିଲାରୁ ଦିନକରେ ରେକର୍ଡ ୧୬୪ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୮୯୭ରେ ପହଞ୍ଚିଛି। ୨୪ଘଣ୍ଟା ମଧ୍ୟରେ ଏତେ ସଂଖ୍ୟାରେ ସଂକ୍ରମିତ ଚିହ୍ନଟ ପରେ ସଂକ୍ରମଣକୁ ରୋକିବା ପାଇଁ ଜିଲାପାଳ ପ୍ରମୋଦ କୁମାର ବେହେରା ଜିଲାକୁ ରବିବାରଠାରୁ ୭୨ଘଣ୍ଟା ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କର୍ମଚାରୀ ସଂକ୍ରମିତ ହୋଇଥିବାରୁ ଡାକ୍ତରଖାନାର ଓପିଡିକୁ ମଧ୍ୟ ୪୮ ଘଣ୍ଟା ପାଇଁ ବନ୍ଦ କରାଯାଇଛି। ତେବେ ଜରୁରୀ ସ୍ୱାସ୍ଥ୍ୟସେବା ଜାରି ରହିବ। ଅନ୍ୟପକ୍ଷରେ ଅଗଷ୍ଟ ୧୬ ପର୍ଯ୍ୟନ୍ତ ଶନିବାର ଓ ରବିବାର ଶଟ୍‌ଡାଉନ ଜାରି ରହିବ। ଅନ୍ୟଦିନରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମିଳିପାରିବ। ନୂତନ ସଂକ୍ରମିତଙ୍କ ମଧ୍ୟରେ ରାୟଗଡ଼ା ସହରାଞ୍ଚଳରୁ ୪୯ଜଣ, ଗ୍ରାମାଞ୍ଚଳରୁ ୫, ଗୁଣପୁର ସହରାଞ୍ଚଳରୁ ୧୦, ଗ୍ରାମାଞ୍ଚଳରୁ ୪୦ ପଦ୍ମପୁରରୁ ୧୭, ରାମନାଗୁଡ଼ାରୁ୧୫, ବିଷମକଟକରୁ ୧, କୋଲନରାରୁ ୧୪ ଏବଂ ମୁନିଗୁଡ଼ାରୁ ୯ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୪ଜଣଙ୍କ ବାହାର ରାଜ୍ୟ ଲିଙ୍କ୍ ରହିଥିବାବେଳେ ୧୬୪ଜଣ କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସେହିପରି ୬ କରୋନା ଯୋଦ୍ଧା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଜିଲାରେ ଇତିମଧ୍ୟରେ ୧୪୧ ଯୋଦ୍ଧା ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ଲୋକେ ମେଡିକାଲ ନାମରେ ଅନୁମତି ନେଇ ସାମାଜିକ ଉତ୍ସବରେ ଯୋଗ ଦେଉଛନ୍ତି ବୋଲି ଜିଲାପାଳ କହିଛନ୍ତି। ସଂକ୍ରମିତ ଚିହ୍ନଟ ହୋଇଥିବା ଅଞ୍ଚଳ ଏବଂ ମେଡ଼ିକାଲକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଇଛି।

# ଗୁଣପୁରରୁ ଦିନକରେ ୫୦ ପଜିଟିଭ

**ଗୁଣପୁର,୧।୮(ଡି.ଏନ୍.ଏ.):**

**ବ୍ଲକ୍ ଅଞ୍ଚଳରୁ୪୦, ପୌରାଞ୍ଚଳରୁ ୧୦**

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରୁ ଦିନକରେ ୫୦ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ପୌରାଞ୍ଚଳରୁ ୧୦ଜଣ ରହିଥିବାବେଳେ ବ୍ଲକ୍ ଅଞ୍ଚଳରୁ ୪୦ ପଜିଟିଭ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହାକୁ ମିଶାଇ ପୌରାଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ୧୩୭ରେ ପହଞ୍ଚିଛି। ସେହିପରି ବ୍ଲକ୍ ଅଞ୍ଚଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୪ରେ ପହଞ୍ଚିଛି। ଗୁଣପୁର ସହରର କୁମୁଟି ସାହି, ବଳରାମନଗର, ମର୍ଣ୍ଣିଂ ଷ୍ଟ୍ରିଟ୍ ଏବଂ ଜଗନ୍ନାଥନଗର ଅଞ୍ଚଳରୁ ଜଣେ ଲେଖାଏ ଚିହ୍ନଟ ହୋଇଥିବାବେଳେ ନୀଳାଦ୍ରିବିହାର-୧ରୁ ଜଣେ, ନୀଳାଦ୍ରିବିହାର-୨ରୁ ୩ଜଣ, ଶେଖରନଗରରୁ ୨ଜଣ ରହିଥିବା ଜଣାପଡ଼ିଛି। ସେହିପରି ବ୍ଲକ୍ ଅଞ୍ଚଳରେ ଶିରିଝୋଲି ପଞ୍ଚାୟତର ବଡ଼ ଆମ୍ବଗୁଡ଼ା, ଚିନ୍ତାଲଗୁଡ଼ା, ଶିରିଝୋଲି ଏବଂ ରେଙ୍ଗଲପଦରରୁ ସଂକ୍ରମିତମାନେ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଯୁବକ ଗିରଫ

**ଡାବୁଗାଁ, ୧।୮ (ଡି.ଏନ୍.ଏ.)**

ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଶିଂସାରୀ ଫାଣ୍ଡି ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଘାସୀରାମ ଭତ୍ରା(୨୨)।

ଘାସିରାମଙ୍କର ପ୍ରେମ ସମ୍ପର୍କ ନିଜ ଗାଁର ଜଣେ ୧୯ ବର୍ଷୀୟ ଯୁବତୀଙ୍କ ସହ ଗଢି ଉଠିଥିଲା। ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଘାସିରାମ ତାଙ୍କ ସହ ବାରମ୍ବାର ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲେ। ଏହା ମଧ୍ୟରେ ଯୁବତୀ ଜଣଙ୍କ ଗର୍ଭବତୀ ହୋଇଥିଲେ। ଏବେ ବିବାହ କରିବାକୁ କହିବାରୁ ଘାସିରାମ ତାଙ୍କୁ ଆଜି କାଲି କହି ଦିନ ଗଡାଇ ଚାଲିଥିଲେ। ବାଧ ହୋଇ ଯୁବତୀ ଜଣଙ୍କ ଘଟଣା ସମ୍ପର୍କରେ ନିଜ ପରିବାରକୁ ଜଣାଇଥିଲେ। ଏହାପରେ ଯୁବତୀଙ୍କ ପରିବାର ଗାଁର ଭଦ୍ର ବ୍ୟକ୍ତିଙ୍କୁ ଜଣାଇଥିଲେ। ୨ଦିନ ତଳେ ଏ ନେଇ ଗାଁରେ ଏକ ବୈଠକ ଡକାଯାଇଥିଲା। ଯୁବତୀଙ୍କୁ ଗ୍ରହଣ କରିବାକୁ ଘସିରାମଙ୍କ ପରିବାର ମନା କରିବା ସହ ଯଦି ବିବାହ ହୁଏ ତେବେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଯୁବତୀ ଜଣଙ୍କ ଶୁକ୍ରବାର ଘାସିରାମଙ୍କ ନାଁରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ସବ୍‌ଇନ୍‌ସ୍ପେକ୍ଟର ଅରୁଣ କୁମାର ପଟ୍ଟନାୟକ ଶନିବାର ସକାଳେ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ଅପରାହ୍ନରେ ଘାସିରାମଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଡାବୁଗାଁଥାନାରେ ୧୪୩/୨୦ରେ ଏକ ମାମଲା ରୁଜୁ କରାଯାଇଛି।

# ଧାନ ରୋଇବାବେଳେ ବଜ୍ରପାତ, ମହିଳା ମୃତ

**ଗୁଣପୁର,୧।୮(ଡି.ଏନ.ଏ)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ପେଣକାମ ପଞ୍ଚାୟତ ଗୋଟା ଗ୍ରାମର ଚମ୍ପା ତଇକା(୩୦) ଶନିବାର ବଜ୍ରପାତରେ ପ୍ରାଣ ହରାଇଛନ୍ତି। ବଜ୍ରପାତରେ ଅନ୍ୟ ୪ଜଣ ମହିଳା ଆହତ ହୋଇଥିବା ସୂଚନା ମିଳିଛି। ସେମାନେ ହେଲେ କସ୍ତୁରୀ ବିଡ଼ିକା, ଶାରଦା କାଡ୍ରାକା, ଲକ୍ଷ୍ମୀ ମାଣ୍ଡାଙ୍ଗୀ ଓ ମଞ୍ଜୁ ବିଡ଼ିକା।

ପ୍ରକାଶ ଯେ, ଶନିବାର ଅପରାହ୍ନରେ ମହିଳାମାନେ ପାତ୍ରଗୁଡ଼ା ଗାଁ ନିକଟ ଜମିରେ ଧାନରୁଆ କାମ କରୁଥିଲେ। ହଠାତ୍ ଏହି ସମୟରେ ବଜ୍ରପାତ ଘଟିଥିଲା। ଏଥିରେ ଚମ୍ପା ଗୁରୁତର ହୋଇଥିବାବେଳେ ଅନ୍ୟମାନେ ଆହତ ହୋଇଥିଲେ। ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚମ୍ପାଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟମାନେ ଚିକିତ୍ସିତ ହେଉଛନ୍ତି।

# ଦର୍ଶକଙ୍କ ମନ ଜିଣିଲେ ଶିଶୁ କଳାକାର

**କୋରାପୁଟ,୧।୮(ସ୍ୱ.ପ୍ର)**

**ରିଲିଜର ୨ଘଣ୍ଟାରେ ଦେଖିଲେଣି ୧ହଜାର ଦର୍ଶକ**

କୋରାପୁଟ ଜିଲାର ଶିଶୁ କଳାକାରଙ୍କୁ ନେଇ କରାଯାଇଥିବା ମେରି ଆଶିକ ନାମକ ଏକ ଗୀତ କୋରାପୁଟରେ ରିଲିଜ ହୋଇ ଏବେ ୟୁଟ୍ୟୁବ୍‌ରେ ବହୁ ଦର୍ଶକଙ୍କ ମନ ଜିଣିଛି । ରିଲିଜ ହେବାର ୨ ଘଣ୍ଟା ମଧ୍ୟରେ ପ୍ରାୟ ୧ହଜାର ଦର୍ଶକ ଏହାକୁ ଦେଖିଛନ୍ତି। କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଗ୍ରାମର ଯୁବ ଡାକ୍ତର ଗୋପାଳକୃଷ୍ଣ ନାୟକଙ୍କ କୁନି ଝିଅ ସାନ୍‌ଭି ଏବଂ ଭଞ୍ଜନଗର ଗ୍ରାମର ଅଜୟ କୁମାର ଆଲତିୟାଙ୍କ କୁନି ପୁଅ ଆରିୟାନ ମିଶି ୫ ମିନିଟ ୪୮ ସେକେଣ୍ଡର ଏହି ଗୀତ କରିଛନ୍ତି। ଗଞ୍ଜାମ ଜିଲା ଭଞ୍ଜନଗରର ଏକେ ପ୍ରଡକ୍ସନ ଏହାକୁ ପ୍ରସ୍ତୁତ କରିଛି।



ମେରି ଆଶିକ୍ ଗୀତର ବ୍ୟାନର ।

# ଅନ୍ଧାରରେ ଆଦିବାସୀ ମୁଲକ

**ଟିକିରି, ୧।୮(ଡି.ଏନ୍.ଏ.)**

**ଡୁମୁରିଯୋଡ଼ି ଗାଁ**

- ଗାଁରେ ନାହିଁ ପକ୍କା ରାସ୍ତା, ସ୍କୁଲ
- ୨କି.ମି. ଦୂର ନାଳରୁ ଆଣୁଛନ୍ତି ପିଇବା ପାଣି
- ଏଯାଏ ମିଳିନି ବିଦ୍ୟୁତ୍ ସେବା


ଲୋକମାନେ ନାଳରୁ ପାଣି ସଂଗ୍ରହ କରୁଛନ୍ତି।

ଆଦିବାସୀମାନେ ଆମର ସମ୍ପଦ। ସେମାନଙ୍କ କଳା, ସଂସ୍କୃତି ଦେଶ ଓ ରାଜ୍ୟକୁ ଏକ ଭିନ୍ନ ପରିଚୟ ଦେଇଥାଏ। ଏହି ଆଦିବାସୀଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ସେସବୁ ଲୋକଙ୍କ ପାଖରେ ଠିକ୍ ଭାବେ ପହଞ୍ଚିପାରୁନି। ବହୁ ଗାଁ ରହିଛି ଯେଉଁଠାରେ ଭଲ ରାସ୍ତା, ପିଇବା ପାଣି ସୁବିଧା ଓ ବିଦ୍ୟୁତ୍ ସେବା ଭଳି ମୌଳିକ ସୁବିଧା ଲୋକେ ପାଉନାହାନ୍ତି। ଏଭଳି ଏକ ଗାଁ ହେଲା ରାୟଗଡ଼ା ଜିଲା କାଶୀପୁର ବ୍ଲକ ଶଙ୍କରଡ଼ା ପଞ୍ଚାୟତର ଡୁମୁରିଯୋଡ଼ି ଗାଁ।

ଡୁମୁରିଯୋଡ଼ିରେ ପ୍ରାୟ ୧୦୦ ପରିବାର ବସବାସ କରୁଛନ୍ତି। କିନ୍ତୁ ଗାଁରେ ପକ୍କା ରାସ୍ତା, ପିଇବା ପାଣି ବ୍ୟବସ୍ଥା, ସ୍କୁଲ ନ ଥିବାବେଳେ ବିଦ୍ୟୁତ୍ ଯୋଗାଣ ହୋଇନାହିଁ। ଗାଁକୁ ସଂଯୋଗ କରୁଥିବା ରାସ୍ତା ଆବଡ଼ାଖାବଡା ହୋଇପଡିଛି। ବର୍ଷା ଦିନେ ରାସ୍ତା ଶୋଚନୀୟ ହୋଇପଡ଼େ। ରାସ୍ତା ଖରାପ ଯୋଗୁ ଜରୁରୀ ସମୟରେ ଆମ୍ବୁଲାନ୍ସ ଗାଁ ଭିତରକୁ ଆସିପାରୁନି। ଏପରି ସ୍ଥିତିରେ ଲୋକେ ବାଧ ହୋଇ ଖଟିଆ କିମ୍ବା ଭାର କରି ରୋଗୀ ଓ ଗର୍ଭବତୀଙ୍କୁ ପ୍ରାୟ ୫ କି.ମି. ବୋହି ପଞ୍ଚାୟତ ସଦରକୁ ଆଣିଥାନ୍ତି। ସେଠାରୁ ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ନେଇଥାନ୍ତି। ସେହିଭଳି ଗାଁର ୧ଶହ ପରିବାର ପାଇଁ କେବଳ ଗୋଟିଏ ନଳକୂପ ରହିଛି। ସେଠାରୁ ପାଣି ପାଇଁ ବହୁ ସମୟ ଅପେକ୍ଷା କରିବାକୁ ପଡ଼େ। ତେଣୁ ବାଧହୋଇ ଗାଁଠାରୁ ୨କି.ମି. ଦୂରରେ ଥିବା ନାଳରୁ ପିଇବା ପାଣି ଆଣିଥାଉ ବୋଲି ମହିଳାମାନେ କହିଛନ୍ତି। ଏଠାରେ ସ୍କୁଲଟିଏ ନ ଥିବାରୁ ପିଲାମାନେ ପ୍ରାୟ ୩ କି.ମି. ଦୂର କାର୍ଲିପାଇ ଗାଁକୁ ପାଠ ପଢ଼ିବାକୁ ଯାଇଥାନ୍ତି। ଗାଁରେ ଏବେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇନି। ଇଲେକ୍ଟ୍ରି ଖୁଣ୍ଟି ଅଛି ଟ୍ରାନ୍ସଫରମର ଲାଗିଛି, କିନ୍ତୁ ଲୋକଙ୍କୁ ବିଦ୍ୟୁତ୍ ସେବା ମିଳିନି। ୩ବର୍ଷ ପୂର୍ବେ ମାତ୍ର ୩ ଦିନ ପାଇଁ ଗାଁକୁ କରେଣ୍ଟ ଆସିଥିଲା। କିନ୍ତୁ ୩ ଦିନ ପରେ କରେଣ୍ଟ ବିଚ୍ଛିନ୍ନ କରାଯାଇଥିଲା। ସେବେଠାରୁ ଗାଁରେ ବିଦ୍ୟୁତ୍ ସେବା ବନ୍ଦ ରହିଛି। ଦିନରେ ସୂର୍ଯ୍ୟାଲୋକରେ ଚଳିଯାଉଥିବା ବେଳେ ରାତି ହେଲେ ଡିବିରି କିମ୍ବା ଲଣ୍ଠନ ଆଲୁଅ ସାହା ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିନି। ଏସବୁ ସମସ୍ୟା ସମାଧାନ ଉପରେ ଦୃଷ୍ଟିଦେବାକୁ ଗ୍ରାମବାସୀ କହିଛନ୍ତି। ସୂଚନା ଅନୁଯାୟୀ ଏହି ଗାଁ ନିକଟସ୍ଥ ଅନ୍ୟ ୧୦ଟି ଆଦିବାସୀ ଗ୍ରାମରେ ମଧ୍ୟ ସମାନ ଅବସ୍ଥା। ଲୋକଙ୍କୁ କେବଳ ଜଙ୍ଗଲ ଜମି ପଟ୍ଟା ଧରେଇ ସରକାର ନିଜ ଦାୟିତ୍ୱ ସାରି ବସିଯାଇଛନ୍ତି। ଜାତିଗତ ପ୍ରମାଣପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ମିଳୁ ନ ଥିବା ଯୋଗୁ ଲୋକେ ଅସୁବିଧା ଭୋଗୁଥିବା ସେଠାକାର ଗ୍ରାମବାସୀ କହିଛନ୍ତି।

